# ତହସିଲ କାର୍ଯ୍ୟାଳୟ ସଦର, ଜିଲ୍ଲା:କେନ୍ଦୁଝର

## *(ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ୍ ନିଲାମ ଇସ୍ତାହାର)*

ବିଜ୍ଞାପନ ସଂଖ୍ୟା.୩୨୨୦/ତାରିଖ ୩୦.୦୮.୨୦୨୨

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ, କେନ୍ଦୁଝର ଜିଲ୍ଲା ସଦର ତହସିଲ ଅନ୍ତର୍ଗତ ଲଘୁ ଖଣିଜ ସମ୍ପଦ ଯଥା: - **ଟିକରପଡା ପଥର ଖଣି-୧** କୁ OMMC Rules-2016 ମୁତାବକ ଦୀର୍ଘମିଆଦୀ ଲିଜ୍ ସୂତ୍ରରେ ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ନିଲାମ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ଲିଜ ରେ ଅଂଶ ଗ୍ରହଣ କରିବାପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉକ୍ତ ଉତ୍ସ କୁ ପରିଦର୍ଶନ କରି ଏହାର ପରି ଚାଳନ ପାଇଁ ଗମନ ଗମନର ସୁବିଧା, ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟ ଓ ଅନାନ୍ୟ ଆନୁଷଙ୍ଗିକ ସୁବିଧା ସୁଯଗ ସମ୍ପର୍କ ରେ ପର୍ଯ୍ୟବେକ୍ଷଣ କରିବା ପରେ ଆବେଦନ କରିବା ଆବଶ୍ୟକ। **ଇଚ୍ଛୁକ ବ୍ୟକ୍ତି ବିଶେଷ OMMC (Amendment) Rules-୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ ୨୦୧୭ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ ୨୦୧୮ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ ୨୦୨୨ ରେ ପ୍ରଦତ୍ତ ନିୟମାବଳୀ ଅନୁଯାୟୀ Form-M ପୂରଣ କରି ଏହାର ତିନିକପି (3 copies) ସହ ଦରଖାସ୍ତକୁ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଲଉମୁଦ ଲଫାଫା ରେ speed post/ରେଜିଷ୍ଟ୍ରି ଡାକ ଯୋଗେ ନିମ୍ନ ଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ବ୍ୟକ୍ତିଗତ ଭାବେ (Sealed Cover) ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ତହସିଲଦାର, ସଦର କାର୍ଯ୍ୟାଳୟରେ ଥିବା ଲଉମୁଦ ଟେଣ୍ଡର ବାକ୍ସ/Drop Box ରେ ଆସନ୍ତା ତା. ୧୬.୦୯.୨୦୨୨ ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ଯେ କୈଣୋସି କାର୍ଯ୍ୟ ଦିବସରେ ଧାର୍ଯ୍ୟ ସମୟ ରେ ପକାଇପାରିବେ** । ଅସମ୍ପୂର୍ଣ୍ଣ ଦରଖାସ୍ତ ଏବଂ ୧୬.୦୯.୨୦୨୨ ରିଖ ଅପରାହ୍ନ ୫.୦୦ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ବିଚାରକୁ ନିଆଯିବ ନାହିଁ। ତା ୧୭.୦୯.୨୦୨୨ ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ଅଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ତହସିଲଦାରଙ୍କ କୋଠରୀ (Chamber), ସଦର ଠାରେ ତନଖି କରାଯାଇ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଭିତ୍ତିରେ ଯୋଗ୍ୟ ଲିଜଧାରୀ ଚୟନ କରାଯିବ । ଯଦି ସୈରାତ ଉତ୍ସ ଟି ପ୍ରଥମ ତାରିଖରେ ଚୁଡାନ୍ତ ହୋଇନପାରିବ ତେବେ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଯଥାକ୍ରମେ ତା ୨୩.୦୯.୨୦୨୨ ରିଖ ଓ ତା ୩୦.୦୯.୨୦୨୨ ରିଖ ପୂର୍ବାହ୍ନ ୧୨.୦୦.ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ଅପରାହ୍ନ ୩.୩୦ ଘଟିକା ସମୟରେ ପୂର୍ବମତେ ଦରଖାସ୍ତଗୁଡିକୁ ତନଖି କରାଯାଇ ଲିଜଧାରୀ ଚୟନ କରାଯିବ । ଉତ୍ସ ଗୁଡିକର ବିବରଣୀ ଦରଖାସ୍ତ କରିବାର ନିୟମାବଳୀ ଓ ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳି କେନ୍ଦୁଝର ଜିଲ୍ଲା website, www.kendujar.nic.in ରେ ଉପଲବ୍ଧ ହେବ ଓ ଅନ୍ୟ କୌଣସି ତଥ୍ୟ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଧାର୍ଯ୍ୟ ତାରିଖ ପୂର୍ବରୁ (ଛୁଟିଦିନ ବ୍ୟତୀତ) ଯେକୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ। ***ନିଲାମ ପ୍ରକ୍ରିୟାଟି ସୁସ୍ପଷ୍ଟ ଭାବରେ OMMC ନିୟମ-୨୦୧୬ ତଥା ପରବର୍ତ୍ତୀ** ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ **ରେ ଉଲ୍ଲେଖ ହୋଇଥିବା ସର୍ତ୍ତାବଳୀ ଏବଂ ମାର୍ଗଦର୍ଶିକା ଦ୍ୱାରା ପରିଚାଳିତ ହେବ ଏବଂ ଯଦି ଉଲ୍ଲେଖ ହୋଇଥିବା ସର୍ତ୍ତାବଳୀ ରେ କୋଣସି ସନ୍ଦେହ ଉପୁଜେ, ତେବେ OMMC ନିୟମ-୨୦୧୬ ତଥା ପରବର୍ତ୍ତୀ** ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ **କୁ ଅନୁସରଣ କରାଯିବ*** ।

**କୌଣସି କାରଣ ନ ଦର୍ଶାଇ ଲିଜ୍ ସ୍ଥଗିତ/ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ଓ ଜିଲ୍ଲାପାଳ ଙ୍କର ରହିଅଛି ।**

**ଆବେଦନ କରିବାର ଠିକଣା**

**ତହସିଲଦାରଙ୍କ କାର୍ଯ୍ୟାଳୟ,ସଦର:ଜିଲ୍ଲା :- କେନ୍ଦୁଝର**
**ଗ୍ରା /ପୋଷ୍ଟ। :କେନ୍ଦୁଝର ଥାନା ; ଟାଉନ**
**ଜିଲ୍ଲା : କେନ୍ଦୁଝର, ଓଡିଶା-୭୫୮୦୦୧**

ତହସିଲଦାର-ତଥା-କ୍ଷମତା ସମ୍ପନ୍ନ ପ୍ରାଧିକାରୀ
୩୦.୮.
ତହସିଲଦାର
କେନ୍ଦୁଝର

Scanned with CamScanner

## ଦରଖାସ୍ତ ସହିତ ଅବଶ୍ୟକୀୟ ଦସ୍ତାବିଜ

୧. ଦରଖାସ୍ତକାରୀ ଭିନ୍ନ ଭିନ୍ନ ଦୁଇଟି ଲଫାଫା ନେଇ , ଗୋଟିଏ ଲଫାଫା ରେ ପ୍ରଦତ୍ତ Form-M ପୂରଣ କରି ଏହାର ତିନିକପି (3 copies) ଭର୍ତ୍ତି କରି ସିଲ କରିବେ ଏବଂ ଅନ୍ୟ ଲଫାଫା ରେ ଆବଶ୍ୟକୀୟ ଦସ୍ତାବିଜ ଭର୍ତ୍ତି କରି ସିଲ କରିବେ । ଉକ୍ତ ଦୁଇ ଲଫାପା କୁ ଗୋଟିଏ ଲଉମୁଦ ଲଫାଫା ରେ ଭର୍ତ୍ତି କରି ସିଲ କରିବେ ଓ ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି Speed Post /ରେଜିଷ୍ଟ୍ରି ଡାକ କିମ୍ବା ବ୍ୟକ୍ତିଗତ ଭାବେ ତହସିଲଦାର,ସଦର କାର୍ଯ୍ୟାଳୟରେ ଥିବା ଲଉମୁଦ ଟେଣ୍ଡର ବାକ୍ସ /Drop Box ରେ ଆସନ୍ତା ତା. ୧୬.୦୯.୨୦୨୨ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସରେ ଧାର୍ଯ୍ୟ ସମୟ ରେ ପକାଇପାରିବେ ।

୨. ଦରଖାସ୍ତ ଦେୟ ବାବଦକୁ ଟ.୧୦୦୦/- (ଏକ ହଜାର ଟଙ୍କା) ମାତ୍ର (ଅଣଫେରସ୍ତ) ର ଟ୍ରେଜେରି ଚାଲାଣ (Head of Account- "0853-Non-Ferrous Mining and metallurgical Industries-102-Mineral Concession Fees, Rent and Royalties-0217- receipts under Odisha Minor Minerals concession Rules-02021-Collection of Fees, Rents & Royalties") ଦାଖଲ କରିବେ ।

୩. ଆବେଦନକାରୀ ଙ୍କ ନାମରେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ, ୨୦୧୬ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ (Affidavit) ଦାଖଲ କରିବେ।

୪. ଦରଖାସ୍ତ କରିଥିବା ସୈରାତ ଉତ୍ସ ବାବଦକୁ ଅମାନତ ରାଶି (EMD) ଯାହାକି ଧାର୍ଯ୍ୟ କରାଯାଇଥିବା ବାର୍ଷିକ ସର୍ବନିମ୍ନ ଉତ୍ତୋଳନ (Minimum Guaranteed Quantity) ପରିମାଣ ଉପରେ ରୟାଲିଟି ଓ ସର୍ବନିମ୍ନ ଅତିରିକ୍ତ ଦେୟର (Addl.Charge) ୫ ପ୍ରତିଶତ ଅର୍ଥ ରାଶି ଅମାନତ ଆକାରରେ ତହସିଲଦାର, ସଦର ନାମରେ (Demand Draft) ଦରଖାସ୍ତ ସହ ସଂଲଗ୍ନ କରିବେ । [EMD=5% of {Annual MGQ X (Royalty + Minimum Addl. Charges)}] ନଚେତ ଦରଖାସ୍ତ ଟି କୁ ବିଚାରକୁ ନିଆଯିବ ନାହିଁ ।

୫. ଆବେଦନ କାରୀ ସମ୍ପୃକ୍ତ ଖଣିର ବାର୍ଷିକ ଉତ୍ତୋଳନ ହେବାକୁ ଥିବା ମୋଟ Minimum Guaranteed Quantity (MGQ) ପରିମାଣର ରୟାଲଟି ଏବଂ ଦରଖାସ୍ତରେ ଉଲ୍ଲେଖ କରିଥିବା Additional charge **(Total Addl. Charge Offered)** ମୂଲ୍ୟର ପୂର୍ବ ଆର୍ଥିକ ବର୍ଷ ର ଆୟ ଦର୍ଶାଉଥିବା IT Return (ଆର୍ଥିକ ବର୍ଷ ୨୦୨୧-୨୨) କିମ୍ବା ଉକ୍ତ ମୂଲ୍ୟର Original Bank Guarantee ଯାହାକି ୧୮ ମାସ ନିମନ୍ତେ ବୈଧ ରହିଥିବ ତାହା ଦାଖଲ କରିବେ । **[Requisite extent of Bank Guarantee= {MGQ of that Quarry for one year X (Royalty +Offered Addl. Charge)}]**

*ଯଦି ଦାଖଲ କରିଥିବା IT Return ଅଥବା **Original Bank Guarantee** ଉପରୋକ୍ତ ଲିଖିତ ମୂଲ୍ୟରୁ କମ ହୁଏ, ତେବେ ସମ୍ପୃକ୍ତ ସୈରାତ ଉତ୍ସ ର ଆବେଦନ କରିଥିବା ଦରଖାସ୍ତକାରୀ ର ଦରଖାସ୍ତଟିକୁ ରଦ୍ଦ କରାଯିବ ।*

୬ **GST Registration Certificate** ଦରଖାସ୍ତ ସହ ସଂଲଗ୍ନ କରିବା ବିଧେୟ ।

୭. ଆବେଦନ କରିଥିବା ଲିଜ ଜମିର ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ ।

୮. ଅନ୍ୟାନ୍ୟ ଅବଶ୍ୟକୀୟ ତଥ୍ୟ ବିବରଣୀ ତଥା ବୈଷୟିକ ଜ୍ଞାନ ଦକ୍ଷତା , ଉପଲବ୍ଧି ଥିବା ଯନ୍ତ୍ରପାତି ଓ ଆର୍ଥିକ ବ୍ୟବସ୍ଥା ବାବଦରେ ତଥ୍ୟ ।

୯. ଆବେଦନକାରୀ voter card , PAN card ଓ ଆଧାର କାର୍ଡ ର ନକଲ ଦରଖାସ୍ତ ସହ ସଂଲଗ୍ନ କରିବା ସହିତ ଯୋଗାଯୋଗ ନିମନ୍ତେ Mobile Number, E-mail ID ଦାଖଲ କରିବେ ।

ତହସିଲଦାର
କେନ୍ଦୁଝର

Scanned with CamScanner

୧୦। ଆବେଦନ କରୁଥିବା ଉସକୁ ଧାର୍ଯ୍ୟ ଅତିରିକ୍ତ ଦେୟ ତୁଳନାରେ କେତେ ଅତିରିକ୍ତ ଦେୟରେ ନେବାପାଇଁ ଚାହୁଁ ଛନ୍ତି ତାହା ଦରଖାସ୍ତରେ ଉଲ୍ଲେଖ କରିବେ।

୧୧। ଦରଖାସ୍ତକରି ଲଫାପା ର ଉପରିଭାଗରେ ବଡ ଅକ୍ଷରରେ (capital letter) କେଉଁ ସୈରାତ ଉସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଦରଖାସ୍ତକାରୀ ଙ୍କ ନାମ ସଂପୂର୍ଣ୍ଣ ଠିକଣା ଓ ଫୋନ ନୋ° ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।

୧୨। ସୈରାତ ଉସ ସଂଲଗ୍ନ କୌଣସି ରୟତି ସତ୍ୱରେ ରାସ୍ତା କିମ୍ବା ଜମି ରହିଥାଏ, ତେବେ ସେହି ଜମିର ମାଲିକଙ୍କ ସହମତି ଥିବା ଦସ୍ତାବିଜ ପଇଠ କରିବେ ।

OFFICE OF THE TAHASILDAR KEONJHAR

## ଚୟନ ପ୍ରକ୍ରିୟା

୧। ଅବେଦିତ ଦରଖାସ୍ତ କୁ ପ୍ରଥମେ ତନଖି କରାଯିବ ଏବଂ ଯେଉଁ ଦରଖାସ୍ତକାରୀ ଙ୍କ ଦରଖାସ୍ତରେ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ ହୋଇଥିବା ସେହି ଦରଖାସ୍ତକାରୀ ମାନେ ହିଁ କେବଳ ନିଲାମ ରେ ଅଂଶ ଗ୍ରହଣ କରିବେ ଏବଂ ଯେଉଁ ଦରଖାସ୍ତକାରୀ ମାନଙ୍କରେ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ ହୋଇ ନ ଥିବ ସେମାନଙ୍କର ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

୧। ଅବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ବିଜ୍ଞାପନ ସର୍ତ୍ତାବଳୀ କୁ ପୂରଣ କରୁଥିବା ଏବଂ ସର୍ବାଧିକ ଅତିରିକ୍ତ ଦେୟ **(Additional charge)** ଦର୍ଶାଇଥିବା ଆବେଦନକାରୀଙ୍କୁ ସର୍ବୋଚ୍ଚ ନୀଲାମଧାରୀ ଭାବେ ଯୋଗ୍ୟ ବିବେଚିତ କରାଯିବ ।

୩। ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉସ ନିମନ୍ତେ ସର୍ବାଧିକ ଅତିରିକ୍ତ ଦେୟ **(Additional charge)** ଅତିରିକ୍ତ ଦେୟ ଦର୍ଶାଇ ଥାନ୍ତି ତେବେ ଲଟେରୀ ମାଧ୍ୟମରେ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

୪। ଯଦି କୋଣସି ସୈରାତ ଉସ ରେ ଆବଶ୍ୟକ ଠାରୁ କମ ଦରଖାସ୍ତ ଜମାହୋଇଥିବା କିମ୍ବା ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ ହୋଇନ ଥାଏ, ତେବେ ସେହି ସୈରାତ ଉସ କୁ (ଗୁଡିକୁ) ପରବର୍ତ୍ତୀ ପର୍ଯ୍ୟାୟ ଅର୍ଥାତ ଦ୍ବିତୀୟ ଓ ତୃତୀୟ ପର୍ଯ୍ୟାୟରେ ଆବେଦନ ଗ୍ରହଣ କରାଯିବ ଏବଂ ପୂର୍ବମତେ ଦରଖାସ୍ତଗୁଡିକୁ ତନଖି କରାଯାଇ ଲିଜଧାରୀ ଚୟନ କରାଯିବ ।

## ବିଶେଷ ସର୍ତ୍ତାବଳୀ: -

୧. ଆବେଦନକାରୀ/ଲିଜଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୨୦୧୬, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନି ନିୟମାବଳୀ ୨୦୧୭, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ ୨୦୧୮ ତଥା ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ ୨୦୨୨ ଓ Manual of Tahasil Account ର ପରିସରଭୁକ୍ତ ରହିବେ ଏବଂ ଏହି ନିୟମାବଳୀ ର ସମସ୍ତ ସର୍ତ୍ତ ମାନିବା ନିମନ୍ତେ ବାଧ ହେବେ ।

୨. ପ୍ରଚଳିତ ନିୟମ ଅନୁଯାୟୀ ଯଦି ଦରଖାସ୍ତକାରୀ ଙ୍କ ଦରଖାସ୍ତ ସମ୍ପୂର୍ଣ୍ଣ ଥାଏ ତେବେ ଅତିରିକ୍ତ ଦେୟର (Additional Charge) ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ଥିବା ନିଲାମଧାରୀ ଙ୍କୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ ।

୩. ସର୍ବୋଚ୍ଚ ନିଲାମଧାରୀଙ୍କୁ ତାଙ୍କ ସପକ୍ଷରେ ଖଣି ମଞ୍ଜୁର ହୋଇଥିବା ବିଷୟ Form No- F ରେ ସାତ ଦିନ ମଧ୍ୟରେ ଜଣାଇ ଦିଆଯିବ ।

୪. ଚୟନ ହୋଇଥିବା ଲିଜ୍ ଧାରୀ ୧୫ ଦିନ ମଧ୍ୟରେ ଚୟନ ପ୍ରକ୍ରିୟା କୁ ଗ୍ରହଣ କରିବାକୁ କ୍ଷମତା ସମ୍ପନ୍ନ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ସୈରାତ ଉସର ବାର୍ଷିକ ଦେୟ {Minimum Guaranteed Quantity X (Royalty + offered Addl. Charge)} + Amount of contribution payable to DMF ର ଏକ ଚତୁର୍ଥାଂଶ ରାଶି (EMD କୁ ବାଦ ଦେଇ) ଜମା କରିବେ, ଯାହାକି ସୁଧ ବିହୀନ ଅମାନତ ରାଶି (Security) ହିସାବରେ ରଖାଯିବ।

Sd/- ..22
ତହସିଲଦାର
କେନ୍ଦୁଝର

Scanned with CamScanner

୫. ଯଦି ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଆବେଦନ କାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାର ଖିଲାପ କରନ୍ତି ତାହେଲେ ଦ୍ବିତୀୟ ସର୍ବାଧିକ ନିଲାମଧାରୀ ମାନଙ୍କୁ ସୁଯୋଗ ଦିଆଯିବ। ଯଦି ଦ୍ବିତୀୟ ସର୍ବାଧିକ ନିଲାମଧାରୀଙ୍କ ଅତିରିକ୍ତ ଦେୟର ମୂଲ୍ୟ ପ୍ରଥମ ସର୍ବାଧିକ ନିଲାମଧାରୀଙ୍କ ମୂଲ୍ୟ ଠାରୁ ଅପେକ୍ଷାକୃତ କମ ଥାଏ ବା କୌଣସି ସନ୍ଦେହ ହୁଏ ତେବେ ତାଙ୍କୁ ଚୟନ କରାନଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିୟନ୍ତ୍ରଣ ପ୍ରାଧିକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯିବ ।

୬ ଲିଜ ନିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କୌଣସି ପ୍ରକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ୍ୟ ଦାୟୀ ରହିବେ ନାହିଁ ।

ଲିଜ ଧାରୀ (OMMC Rules-2016) , ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ ୨୦୧୭ , ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ ୨୦୧୮ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ ୨୦୨୨ ରେ ପ୍ରଦତ୍ତ ନିୟମାବଳୀ ର ସମସ୍ତ ସର୍ତ୍ତାବଳୀକୁ ପାଳନ କରିବାକୁ ବାଧ୍ୟ । ଯଦି ନିଲାମ ଧାରୀ ବର୍ଷର ଦେୟ ଦେବାରେ ଖିଲାପ କରନ୍ତି ତେବେ OMMC ନିୟମ -2016 ଅନୁଯାୟୀ ତାଙ୍କର ଚୁକ୍ତି ଅନୁମତି ପାତ୍ର ରଦ୍ଦ କରିବାର କ୍ଷ୍ୟମାତା ନିମ୍ନ ସ୍ୱାକ୍ଷରକାରୀ ଙ୍କର ରହିଅଛି ।

ଯଦି ନିଲାମଧାରୀ ନିର୍ଦ୍ଧାରିତ ସମୟରେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ବା ଅନୁମୋଦିତ Mining Plan in ZB Form ଓ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ କାଗଜପତ୍ର ଦାଖଲ ନ କରନ୍ତି ତେବେ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ।

୯. ଲିଜଧାରୀ Mines Act 1952 ଓ Explosive Act 1884 ର ସମସ୍ତ ନିୟମ ଓ ନିୟମାବଳୀର ପରିସରଭୁକ୍ତ ରହିବେ ।

୧୦. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ଅତିରିକ୍ତ ଦେୟ ମୂଲ୍ୟ କମ ଠାରୁ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତ କୁ ବିଚାରକୁ ନିଆଯିବ ନାହିଁ ଏବଂ ଦରଖାସ୍ତଟି ନାକଚ କରାଯିବ ।

୧୧. ସର୍ବୋଚ୍ଚ ନିଲାମଧାରୀଙ୍କ ଦ୍ୱାରା ମୂଲ୍ୟାଙ୍କ ହୋଇଥିବା ରୟାଲିଟି ଯଦି ଚୁକ୍ତି ପତ୍ର ସମ୍ପାଦନା ଅବଧି ଭିତରେ କୌଣସି ବୃଦ୍ଧି ଘଟି ଥାଏ ତେବେ ଏହା ତାଙ୍କ ପାଇଁ ମଧ୍ୟ ଲାଗୁ ହେବ ।

୧୨. ଲିଜ୍ ଧାରୀ ଜମା ଦେୟର ୨% ଆୟକର (T.D.S.) ବାବଦକୁ ଚାଲାଣ ଆକାରରେ ଏବଂ ୧୦ % ଜିଲ୍ଲା ଖଣିଜ ପାଣ୍ଠି (D.M.F) ଓ ଶତକଡା ୫ ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି କୁ ଧାର୍ଯ୍ୟ ମୂଲ୍ୟର ନିର୍ଦ୍ଧାରିତ ଦେୟ ପୈଠ କରିବାକୁ ପଡିବ ।

୧୩. ଯଦି ଯୋଗ୍ୟ ବିବେଚିତ ଚୁକ୍ତି ସମ୍ପାଦନ ପୂର୍ବରୁ ମୂଲ୍ୟ ଜମା ନ କରନ୍ତି ତେବେ ତାଙ୍କର EMD ବ୍ୟାଜାପ୍ତି ହେବେ।

୧୪. ଲିଜ୍ ଚୁକ୍ତି ସମ୍ପାଦନା ପରେ ଧାର୍ଯ୍ୟ ଅବଧି ଶେଷ ମଧ୍ୟରେ ଯଦି ଓଡିଶା ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଅନୁସୂଚି ୨ (schedule-II) ରେ ଉଲ୍ଲିଖିତ ଲଘୁ ଖଣିଜ ଦ୍ରବ୍ୟର ଦର ବୃଦ୍ଧି ଘଟେ , ତା ହେଲେ ଲିଜଧାରୀ ବର୍ଦ୍ଧିତ ଦର ଅନୁଯାୟୀ ରୟାଲିଟି ଦର ବୃଦ୍ଧି ତାରିଖଠାରୁ ପଇଠ କରିବେ ।

୧୫. ଲିଜ୍ ରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତି ଉତ୍ସ ଗୁଡିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା , ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ୍ ନେବା ପରେ ଉତ୍ସର ପରିଚାଳନା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ଲଘୁ ଖଣିଜ ପଦାର୍ଥ ଉତ୍ସର ପରିଚାଳନା ସମ୍ପର୍କରେ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷୟକ୍ଷତି ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୧୬. ଯଦି ଏହି ସୈରାତ ଉତ୍ସର Mining Plan ଓ ଅନୁମୋଦନ ପରିବେଶ ମଞ୍ଜୁରୀ କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥାଏ ତେବେ ଉକ୍ତ ଖର୍ଚ୍ଚ ରାଶି ଲିଜ୍ ଧାରୀ ବହନ କରିବେ । ଯଦି ଏହି କାର୍ଯ୍ୟ କରାଯାଇନଥାଏ ତେବେ ଲିଜ୍ ଧାରୀ ଅନୁମୋଦନ କରାଇ ପରିବେଶ ମଞ୍ଜୁରୀ ପ୍ରାପ୍ତ ପରେ ଲିଜ୍ ରାଜିନାମା ପରେ ଉତ୍ସ ପରିଚାଳନା କରିବାକୁ ଯୋଗ୍ୟ ହେବେ ।ଏହା ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ବିଜ୍ଞପ୍ତି ସଂଖ୍ୟା S.O. 1533 dtd 14.09.2006 ଅନୁଯାୟୀ ଉତ୍ସ ପରିଚାଳନା ପାଇଁ ବାଧ୍ୟତାମୂଳକ ଅଟେ ।

ତହସିଲଦାର
କେନ୍ଦୁଝର

Scanned with CamScanner

୧୭. ଲିଜ୍ ପ୍ରଦାନ ପରେ ସୈରାତ ଉତ୍ସର କ୍ଷେତ୍ର ପରିବର୍ତ୍ତନ କରାଯାଇ ପାରିବ ନାହିଁ ।

୧୮. ସର୍ବୋଚ୍ଚ ଦରରେ ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଲିଜ୍ ଧାରୀ ଯଦି ସମସ୍ତ ଦେୟ ଟଙ୍କା ଜମା କରିବାପରେ ବା ଲିଜ୍ ଚୁକ୍ତିନାମା ସମ୍ପାଦନା କରିବା ପରେ ମୃତ୍ୟୁ ବରଣ କରନ୍ତି ତେବେ ଉକ୍ତ ଜମା ଚୁକ୍ତିନାମା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଦ୍ଵାରା ସମ୍ପାଦିତ ହୋଇଛି ବୋଲି ଧରି ନିଆଯିବ ।

୧୯. ଲିଜ୍ ଧାରୀ ସୈରାତ ଉତ୍ସ ର ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ଵାରା ବାଡ ଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ପ୍ରତିଫଳକ ବୋର୍ଡ ତିଆରି ସେଥିରେ ସୈରାତ ଉତ୍ସ ର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ଲିଜ ଧାରୀ ନିଜ ଖର୍ଚରେ କରିବେ । ଲିଜ୍ ଧାରୀ ନିଜ ନିଧିରେ ପରିବେଶ ପରିଚାଳନା ଯୋଜନା କାର୍ଯ୍ୟକାରୀ କରିବେ ।

୨୦. Mining Plan ରେ ଦର୍ଶାଯାଇଥିବା ବାର୍ଷିକ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ର ପରିମାଣ ତଥା ଲିଜଧାରୀଙ୍କ ଦ୍ଵାରା ଦିଆଯାଇଥିବା ଦେୟ {Minimum Guaranteed Quantity X (Royalty + Addl. Charge)} ତାହା ସହ ଅନ୍ୟାନ୍ୟ ସରକାରୀ ଦେୟ Environment Clearance ଆଣି ସାରିଲା ପରେ ପଇଠ କରିବେ । ସଂପୂର୍ଣ୍ଣ ରାଶି ପଇଠ ହେଲାପରେ ଲିଜଧାରୀ Odisha Registration Act. 1908 & Stamp Act.1899 ଅନୁଯାୟୀ ଆବଶ୍ୟକ ଚୁକ୍ତି ପତ୍ର (Lease Deed) ନିଜ ଖର୍ଚରେ ସମ୍ପାଦନ କରିବାକୁ ବାଧ ହେବେ ଏବଂ ଖଣି ପରିଚାଳନା ପାଇଁ pollution Control Board ଙ୍କ ଠାରୁ CTO ଓ CTE ଆଣି ଦାଖଲ କରିବେ ।

୨୧। ଯଦି ନିଲାମ ପୂର୍ବାରୁ ଖଣି ଯୋଜନା ଏବଂ ପରିବେଶ ପରିଚ୍ଛନତାର ସ୍ୱୀକୃତି ପ୍ରାପ୍ତ ହୋଇଥାଏ, ତେବେ ମନୋନୀତ ନିଲାମ ଡାକାଳୀ କୁ ତାଙ୍କ ଚୟନର ସୂଚନା ଦିଆଯିବାର ତାରୀଖରୁ ତିନି ସପ୍ତାହ ମଧ୍ୟରେ ଫର୍ମ-N ମାଧ୍ୟମରେ ପଥର ଖଣି ଚୁକ୍ତି କୁ କାର୍ଯ୍ୟକାରୀ କରିବାକୁ ପଡିବ ଏବଂ ଅନ୍ୟ କ୍ଷେତ୍ରରେ/ ପରିସ୍ଥିତିରେ ଚୟନର ସୂଚନା ଦିଆଯିବାର ତିନି ମାସ ମଧ୍ୟରେ ଚୁକ୍ତିକୁ କାର୍ଯ୍ୟକାରୀ କରିବାକୁ ପଡିବ, ଏଥିରେ ବିଫଳ ହେଲେ ଚୟନର ସୂଚନା ବାତିଲ ହୋଇଯିବ ଏବଂ security deposit ବର୍ଜ୍ୟପ୍ତ ହୋଇଯିବ ।

୨୨। (a) ଚୁକ୍ତି କାର୍ଯ୍ୟକାରୀ ହେବା ପୂର୍ବରୁ LESSEE ରାଜ୍ୟ ସରକାରଙ୍କୁ ବର୍ଷର ଅବଶିଷ୍ଟ ସମୟ ର surface rent ଉପରିଭାଗର ଖଜଣା/ଚୁକ୍ତିବଦ୍ଧ ଦେୟ ଦେବେ ଏବଂ ତାପରେ ଏହି ବାର୍ଷିକ ଚୁକ୍ତିବଦ୍ଧ ଦେୟକୁ ପ୍ରତିବର୍ଷ ଜାନୁଆରୀ ମାସ ୧୫ ତରୀଖ ପୂର୍ବରୁ ପଇଠ କରିବେ ।

(b) ଚୁକ୍ତି କାର୍ଯ୍ୟକାରୀ ହେବା ପୂର୍ବରୁ LESSEE ବର୍ଷର ଅବଶିଷ୍ଟ ସମୟ ପାଇଁ Dead rent ଦେବେ, ଏବଂ ତାପରେ Dead rent ପ୍ରତିବର୍ଷ ଜାନୁଆରୀ ମାସ ୧୫ ତରୀଖ ପୂର୍ବରୁ ପଇଠ କରିବେ ଏବଂ ତାଙ୍କ ଦ୍ଵାରା ଦେବାକୁ ଥିବା ରୟାଲଟି ର ହିସାବ ଯୋଗ୍ୟ କ୍ଷମତା ସମ୍ପୂର୍ଣ୍ଣ ବ୍ୟକ୍ତି ଙ୍କ ଦ୍ଵାରା ରଖାଯିବ ଏବଂ ତାଙ୍କ ଦ୍ଵାରା ଦେବାକୁ ଥିବା ରୟାଲଟି, ତାଙ୍କ ଦ୍ଵାରା ଦିଆଯାଇଥିବା Dead rent ସହ ସମାନ ବା ତା ଠାରୁ ଅଧିକ ହେବା ମାତ୍ରେ, ରୟାଲଟି ଦେବା ପରେ, ସେ ଲଘୁ ଖଣିଜ କାଢି ପାରିବେ ଏବଂ ଏହିପରି କ୍ଷେତ୍ରରେ ତାଙ୍କ ଦ୍ଵାରା ଦିଆଯାଇଥିବା Dead rent ତାଙ୍କ ଦ୍ଵାରା ଦେବାକୁ ଥିବା ରୟାଲଟି ସହିତ ମିଶ୍ରିତ ହେବ ।

୨୩. ସମ୍ବାଦ ପତ୍ରରେ ବିଜ୍ଞପ୍ତି ପ୍ରକାଶନର ସମସ୍ତ ଖର୍ଚ୍ଚ ନିଲାମ ଧାରି ବହନ କରିବେ । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା ଅଧିକାରୀଙ୍କର ଅଛି ।

OFFICE OF THE TAHASILDAR KEONJHAR

ତହସିଲଦାର-ତଥା-କ୍ଷମତା ପ୍ରାପ୍ତ
ପ୍ରାଧିକାରୀ ସଦର, କେନ୍ଦୁଝର
ତହସିଲଦାର
କେନ୍ଦୁଝର

Scanned with CamScanner

OFFICE OF THE TAHASILDAR * KEONJHAR *

## ସୈରାତ ଉତ୍ସଟିର ବିବରଣୀ

| କ୍ର. ସଂ. | କେସ ନଂ | ଲଘୁ ଖଣିଜ ଉତ୍ସର ନାମ | ମୌଜା | ଖାତା ନଂ | ପ୍ଲଟ ନଂ | ରକବା | ସର୍ବ ନିମ୍ନ ମୂଲ୍ୟ (Per CM) | ଅତିରିକ୍ତ ମୂଲ୍ୟ (Addl. Charge per CM) | ମୋଟ ଧାର୍ଯ୍ୟ ମୂଲ୍ୟ per CM | ସର୍ବ ନିମ୍ନ ବାର୍ଷିକ ଗଚ୍ଛିତ ଥିବା ଖଣିଜ ପଦାର୍ଥର ପରିମାଣ | ଅମାନତ ରାଶି (EMD) 5% | Income Tax return of previous financial year or Bank Guarantee |
|---|---|---|---|---|---|---|---|---|---|---|---|---|
| ୦୧ | ୦୩/୨୦୨୨-୨୩ | ଟିକରପଡା ପଥର ଖଣି-୧ | ଟିକରପଡା | ୨୬୩ | ୬୧/୧ | ୧୨.୦୦ | ୧୩୦.୦୦ | ୧୮୫.୦୦ | ୩୧୫.୦୦ | ୮୫୫୦.୦୦ | ଟ.୧,୩୪,୬୭୩.୦୦ | |

Sd/- 30.8.22
ତହସିଲଦାର-ତଥା-କ୍ଷମତା ସମ୍ପନ୍ନ
ପ୍ରାଧିକାରୀ,ସଦର, କେନ୍ଦୁଝର
ତହସିଲଦାର
କେନ୍ଦୁଝର

Scanned with CamScanner

ପରିପତ୍ର ସଂଖ୍ୟା ୩୨୨୧ ତାରିଖ ୩୦.୦୮.୨୦୨୨

ପତ୍ରର ଏକକିତ ନକଲ ସୈରାତ ଉସ୍ୱର ବିବରଣୀ ସହ ଅତିରିକ୍ତ ଜିଲ୍ଲାପାଳ, କେନ୍ଦୁଝର /ଉପ-ଜିଲ୍ଲାପାଳ, କେନ୍ଦୁଝର /ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦର ପଞ୍ଚାୟତ ସମିତି, କେନ୍ଦୁଝର ଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା । ସେମାନେ ଉକ୍ତ ବିଜ୍ଞାପନର ବହୁଳ ପ୍ରସାର ନିମନ୍ତେ ସେମାନଙ୍କର କାର୍ଯ୍ୟାଳୟର ନୋଟିସ ବୋର୍ଡ ରେ ପ୍ରଦର୍ଶନ କରିବାକୁ ଅନୁରୋଧ କରାଗଲା ।

Adhikari 30.8.22

ତହସିଲଦାର-ତଥା- କ୍ଷମତା ପ୍ରାପ୍ତ
ପ୍ରାଧିକାରୀ, ସଦର, କେନ୍ଦୁଝର
ତହସିଲଦାର
କେନ୍ଦୁଝର

OFFICE OF THE TAHASILDAR KEONJHAR

ପରିପତ୍ର ସଂଖ୍ୟା ୩୨୨୨ ତାରିଖ ୩୦.୦୮.୨୦୨୨

ପତ୍ରର ଏକକିତ ନକଲ ସୈରାତ ଉସ୍ୱର ବିବରଣୀ ସହ ସମସ୍ତ ରାଜସ୍ୱ ନିରୀକ୍ଷକ / ସମସ୍ତ ପଞ୍ଚାଯତ ଅତିରିକ୍ତ ବିସ୍ତାରଣ ଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା । ସେମାନେ ଉକ୍ତ ବିଜ୍ଞାପନର ବହୁଳ ପ୍ରସାର ନିମନ୍ତେ ସେମାନଙ୍କର କାର୍ଯ୍ୟାଳୟର ନୋଟିସ ବୋର୍ଡ ରେ ପ୍ରଦର୍ଶନ କରିବାକୁ ଅନୁରୋଧ କରାଗଲା ।

Adhikari 30.8.22

ତହସିଲଦାର-ତଥା- କ୍ଷମତା ପ୍ରାପ୍ତ
ପ୍ରାଧିକାରୀ, ସଦର, କେନ୍ଦୁଝର
ତହସିଲଦାର
କେନ୍ଦୁଝର

ପରିପତ୍ର ସଂଖ୍ୟା ୩୨୨୩ ତାରିଖ ୩୦.୦୮.୨୦୨୨

ପତ୍ରର ଏକକିତ ନକଲ ସୈରାତ ଉସ୍ୱର ବିବରଣୀ DIO, NIC, Keonjhar ଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା । ଉକ୍ତ ବିଜ୍ଞାପନର ବହୁଳ ପ୍ରସାର ନିମନ୍ତେ District Website ରେ ପ୍ରଦର୍ଶନ କରିବାକୁ ଅନୁରୋଧ କରାଗଲା ।

Adhikari 30.8.22

ତହସିଲଦାର-ତଥା- କ୍ଷମତା ପ୍ରାପ୍ତ
ପ୍ରାଧିକାରୀ, ସଦର, କେନ୍ଦୁଝର
ତହସିଲଦାର
କେନ୍ଦୁଝର

Scanned with CamScanner

FORM – M
Application for grant of Quarry Lease
[*See* rule 27(4)]

To

.....................................................................................................

Dated the 20

Sir,

1. I/We submit an application for a quarry lease for..............................(mineral) for a term of ........................ years over...................................................hectares of land in the area specified in the *Annexure* given below:-

2. A sum of Rs............ payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20............. has been paid in the Government Treasury at................and a receipted challan bearing No............. dated.......is enclosed.

3. The required particulars are given below:-

i) An affidavit stating that no mining due payable under the Act and Rules made there under is outstanding against the applicant.

ii) Where land belongs to private persons, consent of all such persons for grant of quarry lease.

iii) Solvency certificate and list of immovable property from the Revenue Authority.

4. (i) Name and address of the applicant......................................................

(ii) Nationality of the applicant..........................................................

(iii) Profession of the applicant..........................................................

(iv) Particulars of the areas, mineral wise, within the State for which the applicant or any person having joint interest with him................................................

a) Already holds a quarry lease.....................................................

b) Has already applied for a quarry lease but not granted ............................

c) Being applied for simultaneously..............................................

d) Nature of joint interest, if any.................................................

(v) Means by which the minor minerals is/are to be raised, i.e. whether manual or mechanical......................

(vi) Manner in which the minor mineral raised to be utilized-

(a) For manufacture.........................

(b) For sale......................................

(c) Any other purpose......................

Scanned with CamScanner

(vii) Details of the plan boundary description and land schedule of the area applied for to be enclosed.

(viii) Has the applicant any previous experience in quarrying/mining? If yes, details should be given.................

(ix) Financial Resources of the applicant.

(a)

(b)

(x) Total investment in the operations anticipated....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District.................

5. Rate of additional charge (per cubic meter) quoted

h-

**N.B:** The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date..........

Signature of the applicant

**N.B:** If the application is signed by an authorised agent of the applicant, the power of attorney should be attached.

Scanned with CamScanner